# ୧୭

# ବ୍ରିଟିଶ ଉପନିବେଶବାଦର ଆର୍ଥିକ ପ୍ରଭାବ

ବ୍ରିଟେନ ଭାରତୀୟ ଉପନିବେଶ ସହିତ ସମ୍ବନ୍ଧ ରାଜନୈତିକ ସହଯୋଗିତା ଥିଲା । ମାତ୍ର ଏହି ସମ୍ପର୍କର କେନ୍ଦ୍ରବିନ୍ଦୁ ଆର୍ଥିକ ଶୋଷଣରେ ପରିଣତ ହୋଇଗଲା । ଉପନିବେଶବାଦ ପ୍ରକ୍ରିୟାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନିଜ ରାଷ୍ଟ୍ରକୁ ଲାଭ ପ୍ରଦାନ କରିବା ବରଂ ଏହା ଉପନିବେଶର ହାନି ଉପରେ ପର୍ଯ୍ୟବେଷିତ । ଏହି ଅଧ୍ୟାୟରେ ଆମେ ଉପନିବେଶବାଦ ପ୍ରକ୍ରିୟା ଅନ୍ତର୍ଗତ ଆର୍ଥିକ ଶୋଷଣର ବିବିଧ ଦିଗ ସମ୍ବନ୍ଧରେ ଆଲୋଚନା କରିବା ।

## ଉଦ୍ଦେଶ୍ୟ

- ଏହି ପାଠର ଅଧ୍ୟୟନ କରିବା ପରେ ଆପଣ:
- ଭାରତରେ ବ୍ରିଟିଶ ଉପନିବେଶବାଦ ପ୍ରକ୍ରିୟାର ତିନୋଟି ଚରଣ ଜାଣିପାରିବେ
- ଭାରତର ଗ୍ରାମୀଣ କ୍ଷେତ୍ରରେ ଉପନିବେଶୀୟ ରାଜସ୍ୱ ବୁଝାମଣା ଦ୍ୱାରା ଆସିଥିବା ପରିବର୍ତ୍ତନକୁ ଜାଣି ପାରିବେ ।
- ଉପନିବେଶରେ କରାଯାଇଥିବା ଉପନିବେଶୀ-ପୁଞ୍ଜିବାଦୀ-ପରିବର୍ତ୍ତନର ମିଶ୍ରିତ ପ୍ରଭାବରେ ବିଶ୍ଳେଷଣ କରିପାରିବେ ।
- ପୂର୍ବବର୍ତ୍ତୀ ରାଷ୍ଟ୍ରବାଦୀମାନଙ୍କ ଦ୍ୱାରା ପ୍ରଣିତ ସମ୍ପତ୍ତିର ପ୍ରବାହ ସିଦ୍ଧାନ୍ତର ବାଖ୍ୟା କରିପାରିବେ ।
- ଉପନିବେଶରେ ଉପନିବେଶବାଦୀ ଆଧୁନିକତାର ଭିନ୍ନ ପ୍ରକୃତିକୁ ବୁଝି ପାରିବେ ତଥା ଏହା ମଧ୍ୟ ବୁଝିପାରିବେ ଯେ ପ୍ରଗତି ଆବଶ୍ୟକ ରୂପେ ଏହାର ପରିଣାମ ନ ଥିଲା ।

### ବ୍ରିଟିଶ ଉପନିବେଶବାଦର ଚରଣ

ଔପନିବେଶିକ ଶୋଷଣ ମୁଖ୍ୟତଃ ତିନୋଟି ଚରଣରେ ବିକଶିତ ହୋଇଥିଲା । ବାଣିଜ୍ୟବାଦର ପ୍ରଥମ ଚରଣ (୧୭୫୭-୧୮୧୩) ଏକ ପ୍ରକାର ଲୁଟପାଟ ଥିଲା ଯେଉଁଥିରେ ଅତିରିକ୍ତ ଭାରତୀୟ ରାଜସ୍ୱର ପ୍ରୟୋଗ ଇଂଲଣ୍ଡକୁ ଚାଲି ଯିବା ସମୟରେ, ଭାରତ ପ୍ରସ୍ତୁତ ଉତ୍ପାଦନଗୁଡିକ କିଣିବା ପାଇଁ ଉଦ୍ଦିଷ୍ଟ ଥିଲା । ଦ୍ୱିତୀୟ ଚରଣ (୧୮୧୩-୧୮୫୮) ମୁକ୍ତ ବ୍ୟାପାର ଥିଲା ଯେଉଁଥିରେ ଭାରତର କଞ୍ଚାମାଲ ସ୍ରୋତ ରୂପେ ପରିବର୍ତ୍ତିତ ହୋଇଗଲା ତଥା ବ୍ରିଟେନର ଉତ୍ପାଦନ ପାଇଁ ଏକ ବଜାର ହୋଇଗଲା । ଭାରତର ବ୍ୟାଙ୍କ, ବିଦେଶୀ ବ୍ୟାପାର ସଂସ୍ଥା ତଥା ପ୍ରବନ୍ଧ ସଂସ୍ଥାନଗୁଡିକୁ ନିୟନ୍ତ୍ରିତ କଲା । ଏହି ଚରଣରେ ମୁଖ୍ୟତଃ ଉପନିବେଶବାଦୀ ଅର୍ଥ ବ୍ୟବସ୍ଥାକୁ ଔଦ୍ୟୋଗିକ ତଥା କୃଷି କ୍ଷେତ୍ରରେ ଅନେକ ଆର୍ଥିକ ନୀତି ପ୍ରଣୟନ କରି ଶୋଷଣ କରାଗଲା ।

## ୧୭.୧ ବ୍ରିଟିଶ ଉପନିବେଶବାଦର ପ୍ରଥମ ଚରଣ

ପ୍ରଥମ ଚରଣ ସାଧାରଣଭାବରେ ୧୭୫୭ରେ ପ୍ରାରମ୍ଭ ହେଲା, ଯେତେବେଳେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଉପମହାଦ୍ୱୀପର ପୂର୍ବ ତଥା ଦକ୍ଷିଣ ଭାଗରେ ରାଜସ୍ୱ ଏକତ୍ର କରିବାର ଅଧିକାର ପ୍ରାପ୍ତ କରି ନେଇଥିଲା । ଏହି କାର୍ଯ୍ୟ ୧୮୧୩ ପର୍ଯ୍ୟନ୍ତ ଚାଲିଲା, ଯେତେବେଳେ ଭାରତୀୟ ବ୍ୟାପାର ଉପରେ କମ୍ପାନୀର ଏକାଧିକାର ସମାପ୍ତ ହୋଇଗଲା ।

ବ୍ରିଟିଶ ଭାରତରେ ଇଂଲଣ୍ଡର ମହାରାଣୀ ପ୍ରଥମ ଏଲିଜାବେଥଙ୍କ ଦ୍ୱାରା ସମର୍ଥିତ ବ୍ରିଟିଶମାନେ, ମହାରାଣୀ ପ୍ରଥମ ଏଲିଜାବେଥଙ୍କ ଦ୍ୱାରା ପ୍ରବର୍ତ୍ତିତ ରୟାଲ ଚାର୍ଟର ଦ୍ୱାରା (କେବଳ ଭାରତ ସହିତ ବାଣିଜ୍ୟ କାରବାର ପାଇଁ) ବଳରେ କେବଳ ଗୋଟିଏ ବାଣିଜିକ୍ୟ କମ୍ପାନୀ ରୂପେ ସପ୍ତଦଶ ଶତାବ୍ଦୀରେ ଭାରତକୁ ଆସିଥିଲେ । ସେମାନେ ତାଙ୍କର ପ୍ରଥମ କାରଖାନା ବଙ୍ଗଳାର ହୁଗୁଳି ନଦୀ କୂଳରେ ସ୍ଥାପନା କରିଥିଲେ । କମ୍ପାନୀ, ମୋଗଲ ବାଦଶାହାଙ୍କ ଠାରୁ ଅନୁମତି ବା ଦସ୍ତକ ପ୍ରାପ୍ତି ନିମିତ୍ତ ସଫଳ ହୋଇଥିଲେ ଯେ ସେମାନଙ୍କର ବ୍ୟାପର ନିଃଶୁଳ୍କ ରହିବ । ଏହା ଫଳରେ କମ୍ପାନୀ କର୍ମଚାରୀମାନଙ୍କ ମଧ୍ୟରେ ଭ୍ରଷ୍ଟାଚାର ବୃଦ୍ଧି ହେଲା କାରଣ ସେମାନେ ବ୍ୟାପକ ସ୍ତରରେ ଫରମାନକୁ ବ୍ୟକ୍ତିଗତ ବ୍ୟାପାରରେ ଅପବ୍ୟବହାର କଲେ । ଏହାର ଅର୍ଥ ଥିଲା ଯେ ଏହା ବଙ୍ଗଳାର ସୁବେଦାର (ଯିଏ ପରବର୍ତ୍ତୀ ସମୟରେ ନବାବ କହିଲେ)ଙ୍କୁ ସୀମା ଶୁଳ୍କ ପରି ରାଜସ୍ୱରେ ବହୁତ କ୍ଷତି ସହିବାକୁ ପଡିଥିଲା । ଏହା ଏକ ଜ୍ୱଳନ୍ତ ବିବାଦାସ୍ପଦ ମୁଦ୍ଦା ଥିଲା ଏବଂ ତାହା ୧୭୫୧ର ପଲାସୀ ଯୁଦ୍ଧ ପାଇଁ ପ୍ରମୁଖ କାରଣମାନଙ୍କ ମଧ୍ୟରୁ ପ୍ରମୁଖ ଥିଲା ।

ସେହି ସମୟରେ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀର ମୁଖ୍ୟ କାର୍ଯ୍ୟ ଭାରତରେ ମସଲା, କାର୍ପାସ ତଥା ରେଶମ ଇତ୍ୟାଦି କ୍ରୟକରି ସେଗୁଡିକ ବ୍ରିଟେନର ବଡ ବଡ ବଜାରରେ ବହୁତ ଲାଭରେ ବିକ୍ରି କରିବା ଯାହାର ମୂଲ୍ୟ ଅନେକ ଗୁଣ ଅଧିକ ଥିଲା । ଏହାର ଅର୍ଥ ଏପରି ହେଲାକି ଏହି ବସ୍ତୁଗୁଡିକ ବଦଳରେ ବ୍ରିଟେନରୁ ବହୁମାତ୍ରାରେ ସ୍ୱର୍ଣ୍ଣ-ରୌପ୍ୟ ଭାରତକୁ ଆସୁଥିଲା । ଭାରତକୁ ବୁଲିୟନ ପ୍ରବାହ ବନ୍ଦ କରିବା ପାଇଁ ବହୁ ପ୍ରଚେଷ୍ଟା ପରେ ମଧ୍ୟ ଭାରତୀୟ ସମାଗ୍ରୀ ବଦଳରେ ଭାରତରେ ବ୍ରିଟିଶ ଦ୍ରବ୍ୟମାନ ବିକ୍ରି କରାଯାଇ ପାରିଲା ନାହିଁ । ବସ୍ତୁଗୁଡିକ କ୍ରୟରେ ଥିବା ବ୍ୟବଧାନର ଅତିରିକ୍ତ କମ୍ପାନୀକୁ ଏକ ବଡ ଭାଗ ଇଉରୋପରେ ଅନ୍ୟ ଶକ୍ତିମାନଙ୍କ ସହିତ ହେଉଥିବା ଯୁଦ୍ଧରେ ମଧ୍ୟ ଖର୍ଚ୍ଚ କରିବାକୁ ପଡୁଥିଲା । ସେହି ୟୁରୋପୀୟ ଶକ୍ତିମାନେ ମଧ୍ୟ ସମାନ ପଦାର୍ଥ ବାଣିଜ୍ୟ କରି ନିଜ ଦେଶକୁ ନେବା ପାଇଁ ଚାହୁଁଥିଲେ । ସେମାନେ ଥିଲେ ପର୍ତ୍ତୁଗୀଜ, ଡଚ ଏବଂ ଫରାସୀ । ଏହିପରି ପଲାସୀ ଯୁଦ୍ଧ ଏବଂ ବକ୍ସର ଯୁଦ୍ଧ ପରେ ପରେ ବଙ୍ଗଳାରେ ଦ୍ୱିୱାନୀ ଲାଭ କଲା । (ଶୁଳ୍କ ଆଦାୟ କରିବା କ୍ଷମତା) ଫଳରେ ଭାରତରେ ଆର୍ଥିକ ଖର୍ଚ୍ଚ ବହୁନିର୍ମିତ୍ତ କମ୍ପାନୀ ପାଇଁ ଅର୍ଥ ଆଦାୟ ପାଇଁ ରାସ୍ତା ଖୋଲି ଯାଇଥିଲା ।

### ଭୂରାଜସ୍ୱ ନୀତି

୧୭୬୫ରେ ଇଷ୍ଟଇଣ୍ଡିଆ କମ୍ପାନୀକୁ ବଙ୍ଗଳା, ବିହାର ତଥା ଓଡିଶାର ଦିୱାନୀ ପ୍ରାପ୍ତି ପରେ ବ୍ରିଟିଶ ପ୍ରଶାସନର ମୁଖ୍ୟ କାର୍ଯ୍ୟ ଥିଲା ଉପନିବେଶରୁ ଅଧିକରୁ ଅଧିକ ରାଜସ୍ୱ ଅସୁଲ କରିବା କୃଷି କର କମ୍ପାନୀର ଆୟର ମୁଖ୍ୟ ସ୍ରୋତ ଥିଲା । ଏବଂ ସେଥିରୁ ବ୍ରିଟେନରେ ପୁଞ୍ଜି ଲଗାଣକାରୀଙ୍କୁ ଲାଭାଂଶ ପ୍ରଦାନ କରାଯାଉଥିଲା । ସେଥିପାଇଁ ଇଂରେଜ ପ୍ରଶାସନ ଏହି ଲକ୍ଷରେ ଅନେକ ପ୍ରକାର ଭୂ-କର ବ୍ୟବସ୍ଥା ପରୀକ୍ଷାମୂଳକ ଭାବରେ ପ୍ରଚଳନ କରୁଥିଲେ । ଏହି





ପରୀକ୍ଷାମୂଳକ ବ୍ୟବସ୍ଥା ଆଂଶିକ ଭାବରେ ଔପନିବେଶିକ ରାଜ୍ୟ ଏବଂ ତାର ପ୍ରଜାମାନଙ୍କ ସମ୍ପର୍କର ପରିଭାଷାକୁ ସ୍ପଷ୍ଟ କରୁଥିଲା ।

୧୭୭୨ରେ ବଙ୍ଗଳାର ଗଭର୍ଣ୍ଣର ୱାରେନହେଷ୍ଟିଂ ବଙ୍ଗଳା କ୍ଷେତ୍ରରେ ରାଜସ୍ୱ-କୃଷିର (Revenue favming) ବ୍ୟବସ୍ଥା ପ୍ରାରମ୍ଭ କଲେ । ଉକ୍ତ ବ୍ୟବସ୍ଥାରେ ଇଉରୋପୀୟ ଜିଲ୍ଲା କଲେକ୍ଟରମାନେ ସର୍ବାଧିକ ନିଲାମଧାରୀଙ୍କୁ ରାଜସ୍ୱ ସଂଗ୍ରହ କରିବା ଅଧିକାର ଦେଉଥିଲେ । ଏହି ପ୍ରଣାଳୀ ସମ୍ପୂର୍ଣ୍ଣ ଭାବରେ ଅସଫଳ ରହିଲା ତଥା ଏହି ପ୍ରଣାଳୀରେ ନିରଙ୍କୁଶ ରାଜସ୍ୱ ଆଦାୟ ଦ୍ୱାରା କୃଷକମାନଙ୍କୁ ବରବାଦ କରିଦିଆଗଲା ।

ଏପରି ଭୟଙ୍କର ଭୁଲ ପ୍ରଚଳନକୁ ସୁଧାରିବା ପାଇଁ ସନ ୧୭୯୩ରେ ଲର୍ଡ କର୍ଣ୍ଣଓ୍ୱାଲିସ ସ୍ଥାୟୀ ବନ୍ଦୋବସ୍ତ ପ୍ରାରମ୍ଭ କଲେ । ଏହି ବ୍ୟବସ୍ଥାଦ୍ୱାରା ଜମିଦାର, ଯେଉଁମାନେ ପୂର୍ବରୁ ରାଜସ୍ୱ ସଂଗ୍ରହ କରିବାର ଅଧିକାର ଥିଲା, ଏବେ ସେମାନେ ଭୂମିର ମାଲିକ ହୋଇଗଲେ । କମ୍ପାନୀର ରାଜସ୍ୱ ଦାବି ସମ୍ପୂର୍ଣ୍ଣ ଭାବରେ ନିର୍ଦ୍ଧାରିତ ଥିଲା । କିନ୍ତୁ ଯଦି ଜମିଦାରଙ୍କ ରାଜସ୍ୱ ସମ୍ପୂର୍ଣ୍ଣ କରିବା ପାଇଁ ଅସଫଳ ରହୁଥିଲେ ତାହେଲେ ତାଙ୍କୁ ତାଙ୍କ ଜମିରୁ ବେଦଖଲ କରି ଦିଆଯାଉଥିଲା ଏବଂ ସରକାର ଜମିକୁ ନିଲାମ କରି ଦେଉଥିଲେ । ଏହି ବ୍ୟବସ୍ଥା ଜରିଆରେ ରାଜ୍ୟ ଜମିଦାରମାନଙ୍କ ଏକ ବ୍ୟାପାରିବର୍ଗ ଗଠନ କଲେ, ଯେଉଁମାନେ ଲାଭ କମାଇବା ପାଇଁ ନିଜ ନିଜର ଭୂମି ଉପରେ ଅଧିକରୁ ଅଧିକ ଶସ୍ୟ ଉତ୍ପାଦନ କରିପାରିବେ । ଏହା ଅତିରିକ୍ତ କମ୍ପାନୀ ପାଇଁ ମଧ୍ୟ ପ୍ରତ୍ୟେକ କୃଷକ ସ୍ଥାନରେ କିଛି ଜମିଦାରମାନଙ୍କ ସହିତ କଥାବାର୍ତ୍ତା କରିବା ସୁବିଧା ହେଲା ତଥା ସମାଜ ଏକ କ୍ଷମତାଶାଳୀ ବର୍ଗ ବ୍ରିଟିଶ ପ୍ରଶାସନର ଅନୁଗତ ହୋଇଗଲେ ।

କିନ୍ତୁ ଏହି ବ୍ୟବସ୍ଥାର ବର୍ଦ୍ଧିଷ୍ଣୁ ରାଜସ୍ୱ ବୋଝ କୃଷକମାନଙ୍କୁ ଦାରିଦ୍ରତାର ଦଲଦଲିକୁ ଠେଲି ଦେଲା । କେତେକ ଜମିଦାରମାନେ ମଧ୍ୟ ଏହି ସର୍ତ୍ତ ମାନିବାରେ ସମସ୍ୟା ଦେଖାଦେଲା । ଯେଉଁମାନେ ଠିକ୍ ସମୟରେ ଭୂରାଜସ୍ୱ ପଇଠ କରିପାରୁ ନଥିଲେ ସେମାନେ ଜମିରୁ ହାତ ଧୋଇ ବସୁଥିଲେ । ଏହି ବ୍ୟବସ୍ଥା ଫଳରେ ମଧ୍ୟ ସାମନ୍ତବାଦର ବୃଦ୍ଧି ହେଲା । ଯଥା:- ଜମିଦାର ଏବଂ କୃଷକମାନଙ୍କ ମଧ୍ୟରେ କେତେକ ଦଲାଲ ଜନ୍ମ ନେଲେ ଏବଂ ସେମାନେ କୃଷକମାନଙ୍କୁ ଅସୁବିଧାରେ ପକାଇ ଯନ୍ତ୍ରଣା ଦେଲେ ।

ଦଲାଲମାନଙ୍କୁ ରାଜସ୍ୱ ସଂଗ୍ରହ କାର୍ଯ୍ୟରୁ ଅନ୍ତର କରିବା ପାଇଁ ତା' ସହିତ ରାଜ୍ୟ ଭୂମିରୁ ମିଳୁଥିବା ଆୟର ବୃହତ୍ତ ଭାଗ ପାଇବା ଆଶାରେ, ସନ ୧୭୯୨ରେ ଆଲେକଜାଣ୍ଡର ରିଡ ମାଦ୍ରାଜ କ୍ଷେତ୍ରରେ ରୟତବାରୀ ବ୍ୟବସ୍ଥା ଆରମ୍ଭ କଲେ । ଏହାପରେ ବମ୍ବେରେ ମଧ୍ୟ ଏହି ବ୍ୟବସ୍ଥା ଲାଗୁ କରାଗଲା । ଏହି ବ୍ୟବସ୍ଥା ଅନୁସାରେ ପ୍ରତି ଗାଁରେ ପୃଥକ ଭାବରେ ରାଜସ୍ୱ ଏକତ୍ରିତ କରାଯାଉଥିଲା କିନ୍ତୁ ପରେ ପରେ ପ୍ରତ୍ୟେକ ଚାଷୀର ପୃଥକ ପୃଥକ ମୂଲ୍ୟାଙ୍କନ କରାଯାଉଥିଲା । ଏହି ପ୍ରକାର ଜମିଦାର ବଦଳରେ ଚାଷୀ ଭୂମି ମାଲିକ ହୋଇଗଲେ । ଏହି ବ୍ୟବସ୍ଥା ଦ୍ୱାରା ରାଜସ୍ୱ ସଂଗ୍ରହ ବୃଦ୍ଧି ହେଲା । ମାତ୍ର ମୂଲ୍ୟାଙ୍କନ ତ୍ରୁଟି ପୂର୍ଣ୍ଣ ଥିଲା ଫଳରେ କୃଷକ ଖଜଣାର ବଡ ବୋଝ ଉଠାଇ ପାରିଲେନି । ଜମି ଦଲାଲମାନେ ଅଧିକରୁ ଅଧିକ ଲାଭବାନ ହୋଇଗଲେ ।

ଭାରତର ଉତ୍ତର ତଥା ଉତ୍ତର-ପଶ୍ଚିମରେ ୧୮୨୨ ମସିହା ପରେ ମହଲବାରୀ ବ୍ୟବସ୍ଥା ଲାଗୁ କରାଗଲା, ଯେଉଁଥିରେ ଗ୍ରାମ ସମାଜ ତଥା ଅଧିକତ୍ତର ମାମଲାରେ ତାଲୁକଦାରମାନଙ୍କ ସହିତ

ବୁଝାମଣା କରାଗଲା । ଏପରି ପ୍ରତ୍ୟେକ ବିତ୍ତିୟ ଭାଗକୁ ମହଲ କୁହାଗଲା । ଏହି ବ୍ୟବସ୍ଥା ଅନ୍ତର୍ଗତ ସାମୁହିକ ସମ୍ପତ୍ତି ଅଧିକାରକୁ ପରିହତ କରାଗଲା ।

ଇଂରେଜ ରାଜସ୍ୱ ନୀତିଗୁଡିକର ପରିଣାମ ସ୍ୱରୂପ କୃଷି ବିକାଶର ଗତି ଅବରୁଦ୍ଧ ହୋଇଗଲା ତଥା କୃଷକ ନିଜ ଭୂମି ଉପରେ କରଜଦାର ହୋଇଗଲା । ଏହି କାରଣରୁ ଜମିଦଲାଲଙ୍କ ସଂଖ୍ୟା ବୃଦ୍ଧି ହେଲା ତଥା ଗ୍ରାମୀଣ ଅଞ୍ଚଳରେ ସୁଧଖୋରଙ୍କ ସୁଧ ବଢ଼ାଇବାରେ ମଧ ସହାୟତା ହେଲା । ଭୂ-ମାଲିକ ତଥା ଜମିଦାର ବ୍ରିଟିଶ ଔପନିବେଶବାଦର ମୁଖ୍ୟ ବର୍ଗ ତଥା ସହଯୋଗୀ ହୋଇଗଲେ ।

ଦେଓ୍ୱାନୀ ଅଧିକାର ପ୍ରାପ୍ତିର ଅର୍ଥ ଥିଲା ଯେ ଏବେ ବଙ୍ଗଳାର ସମୃଦ୍ଧ କ୍ଷେତ୍ରରେ କମ୍ପାନୀ ସ୍ଥାନୀୟ ଶାସକ, ଜମିଦାର ତଥା ବ୍ୟାପାରିମାନଙ୍କ ସମ୍ପତ୍ତିକୁ ନିୟନ୍ତ୍ରିତ କରି ପାରୁଥିଲେ । ଏମାନଙ୍କୁ ବ୍ରିଟେନରେ ବିକ୍ରି ପାଇଁ ପଠା ଯାଉଥିବା ମାଲ୍‌କୁ କ୍ରୟ କରିବା ପାଇଁ ଉପଯୋଗ କରା ଯାଉଥିଲା । ବଡ ମାତ୍ରାର ସମ୍ପତ୍ତି ତଥା କମ୍ପାନୀ ଅଧିକାରୀମାନଙ୍କ ଦ୍ୱାରା ଅସାଧୁ ଉପାୟରେ ଅର୍ଜିତ ସମ୍ପତ୍ତି ବଙ୍ଗଳାରୁ ବ୍ରିଟେନକୁ ଚାଲିଗଲା । ସ୍ୱଗୃହ ପ୍ରତ୍ୟାବର୍ତ୍ତନ ପୂର୍ବରୁ କମ୍ପାନୀ ଅଧିକାରୀମାନେ ବହୁ ମାତ୍ରାରେ ଅର୍ଥ କମାଇ ଥିଲେ ତଥା ସେମାନଙ୍କର ବିଳାସୀ ଜୀବନ ଶୈଳୀ କାରଣରୁ ସେମାନଙ୍କୁ ବ୍ରିଟେନରେ ନବାବ ବୋଲାଗଲା । ଏହି ଅର୍ଥରେ ବଡ ଭାଗ କମ୍ପାନୀକୁ ବ୍ରିଟେନରେ ଔଦଗିକ କ୍ରାନ୍ତିରେ ପୁନଃ ବିନିଯୋଗ କରିବା ପାଇଁ ଉତ୍ସାହିତ କରିଥିଲା । ଭୂ-ରାଜସ୍ୱ ପାଇଁ ଅଧିକରୁ ଅଧିକ ଲାଭ ଆଶାରେ ଭାରତୀୟ କ୍ଷେତ୍ରୀୟ ବିସ୍ତାରରେ ଅଧିକ ଉଗ୍ର ତଥା ଆକ୍ରମଣ ନୀତିଗୁଡିକ ଆପଣେଇ ନେବା ଲାଗି ବାଧ ହେଲେ ।

## ପାଠଗତ ପ୍ରଶ୍ନ -୧୭.୧

୧. ଭାରତରେ ବ୍ରିଟିଶ ଔପନିବେଶିକତା ବାଦ ତିନୋଟି ଚରଣ କ'ଣ କ'ଣ ?

..............................................................................................

୨. ପଲାସୀ ଯୁଦ୍ଧ ପାଇଁ ଦାୟୀ ମୁଖ୍ୟ ଘଟଣା କେଉଁ କେଉଁ ଥିରେ ଥିଲା ?

..............................................................................................

୩. କାହା ସହିତ କମ୍ପାନୀ ବଙ୍ଗଳାରେ ସ୍ଥାୟୀ ରାଜସ୍ୱ ବୁଝାମଣା କରିଥିଲା ?

..............................................................................................

୪. କେଉଁ କ୍ଷେତ୍ରରେ ସର୍ବ ପ୍ରଥମ ରୟତଓ୍ୱାରୀ ପ୍ରଥାର ଆରମ୍ଭ ହେଲା ?

..............................................................................................





## ୧୭.୨ ବ୍ରିଟିଶ ଉପନିବେଶବାଦର ଦ୍ୱିତୀୟ ଚରଣ (ମୁକ୍ତ ବ୍ୟାପାର)

ଦ୍ୱିତୀୟ ଚରଣର ୧୮୧୩ରେ ଚାର୍ଟସ ଏକ୍ଟ ପ୍ରବର୍ତ୍ତନ ସହିତ ପ୍ରାରମ୍ଭ ହୋଇଥିଲା । ସେତେବେଳେ କମ୍ପାନୀ ଭାରତରେ ବାଣିଜ୍ୟ ଏକାଧିକାର ହରାଇ ବସିଲା । ୧୮୫୮ରେ ଏହା ସମାପ୍ତ ହୋଇଗଲା ସେହିସମୟରେ ଭାରତର ବ୍ରିଟିଶ ଶାସିତ ଅଞ୍ଚଳରେ ବ୍ରିଟିଶ କାରବାର ପ୍ରତ୍ୟକ୍ଷ ନିୟନ୍ତ୍ରଣ ତଥା ପ୍ରଶାସନ ସୁଦୃଢ କଲା ।

କମ୍ପାନୀର ଲାଭାଂଶ ବୃଦ୍ଧି ସହିତ ସେମାନଙ୍କର  ବ୍ରିଟିଶ ସରକାରଙ୍କ ଠାରୁ ପାଉଥିବା ସମର୍ଥନ ଅନିଶ୍ଚିତ ହାଇଗଲା । ପୂର୍ବରୁ ସଂସଦର କୌଣସି ସଦସ୍ୟକୁ ଇଷ୍ଟଇଣ୍ଡିଆ କମ୍ପାନୀର ଲାଭ ମିଳୁଥିଲା ଯେଉଁମାନେ ସରକାରରେ ନିଜର ସ୍ଥିତିକୁ ସୁଦୃଢ଼ ରଖିବାକୁ କମ୍ପାନୀର ସଂସଧନର ପ୍ରୟୋଗ କରୁଥିଲେ । କିନ୍ତୁ ଯେତେବେଳେ ବ୍ରିଟେନରେ ବିଭିନ୍ନ ସ୍ତରରେ ପ୍ରଗତି ହେଲା ସେତେବେଳେ ସଂସଦର ସମ୍ବିଧାନରେ ଧିରେ ଧିରେ ପରିବର୍ତ୍ତନ ହେବାକୁ ଲାଗିଲା । ଏଡାମ ସ୍ମିଥଙ୍କ ଦ୍ୱାରା ଲିଖିତ ପୁସ୍ତକ “ଏନ୍ ଇନକ୍ୱାରୀ ଇନ ଟୁଦି ନେଚର ଆଣ୍ଡ କଜେସ ଅଫ୍ ଦି ୱେଲଥ ଅଫ ନେସନସ”ର ଆର୍ଥିକ ବିଚାରର ଏକ ଶୈଳୀ ଉପରେ ଆଲୋକପାତ କରିଛି, ଯାହା କମ୍ପାନୀଗୁଡିକ ଦ୍ୱାରା ଉଠାଉ ଥିବା ମୁକ୍ତ ବ୍ୟାପାର ନୀତିର ଲାଭକୁ ଇଙ୍ଗିତ କରୁଛି  । କମ୍ପାନୀର ଆୟ ଉପରେ ଅଧିକାର ସାବ୍ୟସ୍ତ କରିବା ପାଇଁ ସଂସଦ ଏକକ କମ୍ପାନୀର ଅଧିକାରୀମାନଙ୍କ ଉପରେ ଆକ୍ରମଣ କଲା । ଦୁରାଚାର ଆରୋପ ଲଗାଗଲା । ସଂସଦରେ ମୁକ୍ତ ବ୍ୟାପାରରେ ଦାବିଦାରମାନେ ଉନବିଂଶ ଶତାବ୍ଦୀରେ ଭାରତକୁ ସିଧା ପ୍ରବେଶ କରିବା ପାଇଁ ଦାବି କଲେ । ଫଳରେ ୧୮୧୩ରେ ଚାର୍ଟର ଏକ୍ଟ ଅନୁମୋଦିତ ହୋଇଗଲା । ଏହିପରି ଭାରତରେ ଏକାଧୀକାରର ସମାପ୍ତି ହୋଇ କମ୍ପାନୀ ଅଧିନରେ ଥିବା ଭାରତର ନିୟନ୍ତ୍ରଣ ବ୍ରିଟେନର ମହାରାଣୀଙ୍କ ହାତକୁ ଚାଲିଗଲା ।

‘ମୁକ୍ତ ବ୍ୟାପାର’ ଭାରତୀୟ ଉପନିବେଶର ସ୍ୱରୂପକୁ ସମ୍ପୂର୍ଣ୍ଣ ରୂପେ ବଦଳାଇ ଦେଲା । ପ୍ରଥମେ ସେମାନେ ଭାରତୀୟ ବଜାରକୁ ଶସ୍ତାରେ ମେସିନ ପ୍ରସ୍ତୁତ ଦ୍ରବ୍ୟ ଅଧିକ ମାତ୍ରାରେ ଉତ୍ପାଦନ କରିବା ସହିତ ଭାରତୀୟ ବଜାରକୁ ଖୋଲି ଦିଆଗଲା । ଏହି ବ୍ୟାପାର ଉପରେ କୌଣସି ଶୁଳ୍କ ପ୍ରତିବନ୍ଧକ ରହିଲା ନାହିଁ । ମହଙ୍ଗା ତଥା ହସ୍ତ ନିର୍ମିତ ଭାରତୀୟ ବସ୍ତୁ ଯାହାକି ବ୍ରିଟେନରେ ବହୁତ ଲୋକପ୍ରିୟ ଥିଲା, ସେଗୁଡିକ ଉପରେ ପ୍ରତିବନ୍ଧିକ ସୀମା ଶୁଳ୍କ ଦର ଲାଗୁ ଫଳରେ ପ୍ରତିବନ୍ଧକ ଲାଗିଗଲା ।

ଦ୍ୱିତୀୟରେ ବ୍ରିଟିଶ-ଭାରତୀୟ କ୍ଷେତ୍ର, ଖାଦ୍ୟ ତଥା କଞ୍ଚାମାଲର ସ୍ରୋତ ଭାବରେ ବ୍ରିଟେନ ପାଇଁ ବିକଶିତ ହେଲା, ଯାହା ନିର୍ମାଣ କ୍ଷେତ୍ରରେ ତୀବ୍ର ପ୍ରଗତିରେ ଅଗ୍ନି ସଂଯୋଗ କଲା । ଏହା ପୁଞ୍ଜିବାଦୀ ଅର୍ଥ ବ୍ୟବସ୍ଥାର ଉଦୟ ନିମିତ୍ତ ଅତ୍ୟାବଶ୍ୟକ ଥିଲା । ଏହି ପରିବର୍ତ୍ତନ ଭାରତରେ ସମ୍ପୂର୍ଣ୍ଣଭାବେ ପୂର୍ବରୁ ଭୋଗ କରୁଥିବା ସମତୁଲ ବାଣିଜ୍ୟ ବ୍ୟବସ୍ଥାକୁ ବଦଳାଇ ଦେଲା । ଏହି ଚରଣରେ ଭାରତରେ କୃଷିରେ ବ୍ୟବସାୟୀକରଣର ଜଟିଳ ପ୍ରକ୍ରିୟା ତଥା ଔଦ୍ୟୋଗୀକରଣର ପ୍ରକ୍ରିୟା ଦ୍ୱାରା ବିଶୁଦ୍ଧ ଔପନିବେଶିକ ଅର୍ଥ ବ୍ୟବସ୍ଥାର ଶୁଭାରମ୍ଭ ହେଲା । ଏହା ନିମ୍ନରେ ଆଲୋଚିତ ହେଲା ।

**କୃଷି ବ୍ୟବସାୟୀକରଣ**

ଏପରି ବିଶ୍ୱାସ କରାଯାଏ ଯେ ଔପନିବେଶବାଦୀ ପ୍ରଶାସନରେ କୃଷିର ବ୍ୟବସାୟୀକରଣକୁ ଜନ୍ମ



ନୋଟସ୍



ଦେଲା ଯାହା ଭାରତୀୟ ଉପନିବେଶରେ ଅନେକ ସ୍ଥାନରେ କୃଷକମାନଙ୍କ ସ୍ଥିତିରେ ସୁଧାର ଆଣିଲା । ସନ ୧୭୬୦ ଉପରାନ୍ତ କୃଷି ଉତ୍ପାଦନର ପ୍ରବୃତ୍ତି, ସମୁଦ୍ରପାରି ବଜାରମାନଙ୍କରେ ଭାରତୀୟ ପ୍ରାଥମିକ ଉତ୍ପାଦିତ ବସ୍ତୁଗୁଡିକର ଚାହିଦା ଉପରେ ସଂଚାଳିତ ହେଉଥିଲା । ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ରପ୍ତାନି ହେଉଥିବା ବସ୍ତୁଗୁଡିକ ମଧ୍ୟରେ ମୁଖ୍ୟ ଥିଲା-ଅଫିମ, କପା ତଥା ରେଶମ । ଧୀରେ ଧୀରେ କଞ୍ଚା ଝୋଟ, ଖାଦ୍ୟ ଶସ୍ୟ, ତୈଳବୀଜ ତଥା ଚା, ନୀଳ ଏବଂ ଅଫିମକୁ ସ୍ଥାନ ନେଇନେଲା । କଞ୍ଚା କାର୍ପାସ, ସର୍ବାଧିକ ଚାହିଦା ଥିବା ଉତ୍ପାଦନ ହୋଇଗଲା । ଲାଭଦାୟକ ଫସଲର ବ୍ୟାପକ ତାକୁ ଦେଖି ୧୮୫୦ରେ ଟ୍ରେଡନେଟଓ୍ୱାର୍କକୁ ପ୍ରୋତ୍ସାହିତ କରିବା ପାଇଁ ରେଳ ବ୍ୟବସ୍ଥା ଆରମ୍ଭ ହେଲା ।

କିନ୍ତୁ ଏହି ବ୍ୟବସାୟୀକରଣ ଏକ କୃତ୍ରିମ ପ୍ରଣାଳୀ ଭାବେ ଆଗକୁ ଆସିଲା । ସେଥିପାଇଁ କୃଷି କ୍ଷେତ୍ରରେ ବିକାଶର ଗତି ସିମୀତ ହୋଇଗଲା । ଏହା କୃଷି କ୍ଷେତ୍ରରେ ବୈଶମ୍ୟତାକୁ ଜନ୍ମ ଦେଲା । କିନ୍ତୁ ବ୍ରିଟେନ ପରି ପୁଞ୍ଜିବାଦୀ ଭୂ-ମାଲିକ ମାନଙ୍କର ଢ଼ାଞ୍ଚା ସୃଷ୍ଟି ହୋଇପାରିଲାନି । ବୃହତ କ୍ଷେତ୍ରରେ ଏକା ସାଙ୍ଗରେ ହେଉଥିବା ଔଦ୍ୟଗିକ ବିକାଶର ଅଭାବର ଅର୍ଥ ଥିଲା, ସଞ୍ଚିତ କୃଷି ଆୟର ନିବେଶ ନିମିତ୍ତ କୌଣସି ଉଚିତ୍ ଉପାୟ ନଥିଲା, ଯାହାକୁ ଔଦ୍ୟୋଗିକ ପୁଞ୍ଜିରେ ପରିବର୍ତ୍ତନ କରାଯାଇ ପାରିବ । ଉତ୍ପାଦନ କ୍ଷମତାରେ ବିସ୍ତାର ତଥା କୃଷିକୁ ସଂଗଠିତ କରିବା ମଧ୍ୟ ଏକ ବିପଦଜନକ କାର୍ଯ୍ୟ ଥିଲା, କାରଣ ଏହି କ୍ଷେତ୍ରରେ ଦୁରସ୍ଥ ବିଦେଶୀ ବଜାର ଥିଲା ଯେଉଁଠି ଦାମ ନିମ୍ନ ଉର୍ଦ୍ଧ୍ୱ ହେଉଥିଲା । ଏବେ ଉପନିବେଶବାଦୀ ରାଜ୍ୟରେ କୃଷି ବିଶେଷଜ୍ଞମାନଙ୍କର କୌଣସି ସୁରକ୍ଷା ପ୍ରଦାନ କରାଯାଉ ନଥିଲା । ଏହି ପ୍ରକାର ବ୍ୟବସାୟୀକରଣରେ ଉପ-ଜାଗୀରଦାରୀ ସ୍ତର ସାରା ଦେଶରେ ବୃଦ୍ଧି କରାଗଲା । ତଥା ଏହି ଧନ ବ୍ୟାପାର ତଥା ସୁଧଖୋରମାନଙ୍କ ମାଧ୍ୟମରେ ସଂଯୋଜିତ ହେଲା ।

ନିର୍ଯ୍ୟାତ ବ୍ୟାପାର ମାଧ୍ୟମରେ ଧନ ବୃଦ୍ଧି ବ୍ରିଟିଶ ବ୍ୟବସାୟୀଙ୍କ ଗୃହରେ ପହଞ୍ଚିଲା ଯାହା ନୌପରିବହନ ଓ ବୀମା ଉଦ୍ଯୋଗକୁ ନିୟନ୍ତ୍ରିତ କଲା । ଏହା ସହିତ କମିଶନ ଏଜେଣ୍ଟ, ବ୍ୟାପାରୀ ତଥା ବ୍ୟାଙ୍କ ମାଲିକମାନଙ୍କ ଉପରେ ମଧ୍ୟ ଲଗାମ ଲଗାଗଲା । ଉପନିବେଶରେ ଯେଉଁମାନେ ଭାଗ୍ୟଶାଳୀ ଥିଲେ ସେମାନଙ୍କ ମଧ୍ୟରେ ବଡ ବଡ କୃଷକ, କିଛି ବଡ ବଡ ଭାରତୀୟ ବ୍ୟାପାରୀ ତଥା ସାହୁକାରମାନେ ଥିଲେ । ବ୍ୟବସାୟୀକରଣ ଫଳରେ ଗ୍ରାମୀଣ କ୍ଷେତ୍ରରେ ଭୂମ୍ୟାଧିକାରୀ ତଥା ସାହୁକାରମାନଙ୍କର ସମ୍ପତ୍ତି ଢ଼ାଞ୍ଚାକୁ ସୁଦୃଢ଼ କଲା ।

ବ୍ୟବସାୟୀକରଣର ଏହି ତଥାକଥିତ ବ୍ୟବସ୍ଥା ଯାହା ପୁଞ୍ଜିବାଦୀ କୃଷିର ପ୍ରମୁଖ ଭୂମିକା ଗ୍ରହଣ କଲା ବୋଲି ଧରାଗଲା ଏହା ଶୋଷଣ କରୁଥିବା ତଥା ଦାସଭଳି କାମ କରୁଥିବା ଶ୍ରମିକମାନଙ୍କ ଦ୍ୱାରା କରାଯାଉଥିଲା । ଆସାମର ଚା ବଗିଚାରେ (ଗୋରାମାନଙ୍କ ମାଲିକାନାରେ) ଚା ଉତ୍ପାଦନ ହେଉଥିଲା । ସେମାନେ ଏକରାରନାମା ଭଳି ନିୟମରେ ବନ୍ଧିତ ଶ୍ରମିକମାନଙ୍କୁ କ୍ରୀତଦାସ ଭଳି ଖଟାଉ ଥିଲେ । ଗୋରା ନୀଳ ଚାଷୀମାନେ କୃଷକମାନଙ୍କୁ ସେମାନଙ୍କ ଜମିରେ ନୀଳ ଚାଷ କରିବା ପାଇଁ ବାଧ୍ୟ କରୁଥିଲେ । ମାତ୍ର ଏଥିରେ ଖୁବ୍ କମ୍ ଲାଭ ହେଉଥିଲା ତଥା ଏହା କୃଷିଚକ୍ରକୁ ମଧ୍ୟ ପ୍ରଭାବିତ କରୁଥିଲା । ଏଥିରେ ଅମାନବିକ ଜୋର ଜବରଦସ୍ତି ହେଉଥିବାରୁ ନୀଳ ବିଦ୍ରୋହର ଜନ୍ମ ନେଲା । ୧୮୫୯-୬୦ରେ ପଶ୍ଚିମ କ୍ଷେତ୍ରରେ କାର୍ପାସ ଉତ୍ପାଦନ କ୍ଷେତ୍ରରେ ତଥା ପୂର୍ବ ଭାରତରେ ଝୋଟ ଉତ୍ପାଦନରେ ସିମୀତ ସଫଳତା ମିଳିଥିଲା-ମାତ୍ର

ଉତ୍ପାଦନ ଏବଂ ସଂଗଠନରେ ପୁଞ୍ଜିବାଦୀ ସୁଧାର ଅପେକ୍ଷା ଏହି ଅଭିବୃଦ୍ଧିର କାରଣ ଥିଲା ଚାହିଦାର ଅଭିବୃଦ୍ଧି । ଚାଷୀମାନଙ୍କୁ ଅଧିକ ଖଜଣା ଦେବାକୁ ପଡୁଥିବାରୁ ସେମାନେ ଲାଭଦାୟକ କୃଷି କରିବାକୁ ବାଧ ହେଉଥିଲେ । ଅନ୍ୟ ଏକ ପକ୍ଷରେ ଚାଷ କାର୍ଯ୍ୟରୁ ଦୂରେଇ ଯିବା ଏବଂ ଅନ୍ୟପକ୍ଷରେ ବାଜରା ତଥା ଜଅ ଓ ଡାଲି ଚାଷ ଲାଭ ଚାଷରେ ବଦଳି ଯିବା ଫଳରେ ଦୁର୍ଭିକ୍ଷ ସମୟରେ କୃଷିର ବିପର୍ଯ୍ୟୟ ସୃଷ୍ଟି ହେଲା । ଦାକ୍ଷିଣାତ୍ୟରେ କାର୍ପାସ ଚାଷ କ୍ଷେତ୍ରରେ ୧୮୭୦ ଦଶକରେ ତୁଳାର ଚାହିଦା ପୃଥିବୀରେ କମିଯିବା ଫଳରେ ସେଠାକାର କୃଷକମାନେ ଋଣଗ୍ରସ୍ତ ହୋଇ ଦୁର୍ଭିକ୍ଷରେ ପୀଡିତ ହେଲେ । ଏହାର ଫଳ ହେଲା କୃଷକ ଆନ୍ଦୋଳନ । ୧୯୩୦ରେ ଛୋଟ ଶିଳ୍ପଗୁଡିକ ଧ୍ୱଂସ ପାଇବା ଫଳରେ ବଙ୍ଗଳାରେ ୧୯୪୩ରେ ଏକ କରାଳ ଦୁର୍ଭିକ୍ଷ ଦେଖାଗଲା । ଯଦିଚ ଏହି ଦୁର୍ଭିକ୍ଷର କାରଣମାନ ବିସ୍ତୃତ ଭାବରେ ଐତିହାସିକମାନଙ୍କ ଦ୍ୱାରା ଲିଖିତ ଅଛି ତଥାପି ଏହା ସ୍ୱୀକାର୍ଯ୍ୟ ଯେ ଜନସଂଖ୍ୟା ବୃଦ୍ଧି ଅପେକ୍ଷା ଖାଦ୍ୟ ଶସ୍ୟ ଉତ୍ପାଦନ ଆପେକ୍ଷିକ ଭାବରେ ଅନେକ ଗୁଣରେ କମି ଯାଇଥିଲା ଏବଂ ଲକ୍ଷ ଲକ୍ଷ ଲୋକ ଅନାହାର ଏବଂ ମହାମାରୀରେ ମୃତ୍ୟୁବରଣ କରୁଥିଲେ ।



ଚିତ୍ର ୧୭.୧- ବଙ୍ଗଳାର ଦୁର୍ଭିକ୍ଷ ୧୯୪୩

ଔପନିବେଶିକ ସରକାର ଭାରତର ଉତ୍ତର, ଉତ୍ତର-ପୂର୍ବ ଏବଂ ଦକ୍ଷିଣ-ପଶ୍ଚିମ ଭାଗରେ କେତେକ କେନାଲମାନ ନିର୍ମାଣ କରି ସେଠାରେ ସିମୀତ କୃଷି ଉତ୍ପାଦନର ସୁଧାର ଆଣିଥିଲେ । ଚିରସ୍ଥାୟୀ ବନ୍ଦୋବସ୍ତ ହୋଇଥିବା ପୂର୍ବ ଭାରତରେ ରାଜସ୍ୱ ସଂଗ୍ରହ ବୃଦ୍ଧିର କୌଣସି ସମ୍ଭାବନା ନଥିବାରୁ ଏହି ଅଭିଯାନରୁ ଦୂରରେ ରଖିଥିଲେ । ଏଭଳି ରାଜସ୍ୱକୁ ଉଚ୍ଚ ସ୍ତର ପର୍ଯ୍ୟନ୍ତ ନେଇଯିବା, ତଥା ବିଷମ ସ୍ଥିତିରେ ସହାୟତା ଏପରି ନିମ୍ନରେ ଥିଲା, ଯାହା ଏହି ଧନ-ନିବେଶର କାରଣ ହେଲା । ଏହି ସିମୀତ କ୍ଷେତ୍ରରେ ବିଶେଷ କରି ପଞ୍ଜାବର କେନାଲର ଉପଯୋଗରେ ସମୃଦ୍ଧତାର ଭିତ୍ତି ପ୍ରସ୍ତୁତ କଲା କିନ୍ତୁ ଏହା କେବଳ ଅମୀର କୃଷକମାନଙ୍କ

ପର୍ଯ୍ୟନ୍ତ ରହିଗଲା ଯେଉଁମାନେ ଉଚ୍ଚ ଜଳକର ଦେଇ ପାରୁଥିଲେ । ଏହା ଲାଭ ଦାୟକ ଫସଲ ଯଥା ଚିନି, କାର୍ପାସ, ଗହମକୁ ପ୍ରସ୍ୟାହିତ କଲା ମାତ୍ର ମୋଟା ଖାଦ୍ୟ ଶସ୍ୟ ତଥା ଡାଲିର ଉତ୍ପାଦନ କମିଗଲା । ସଂଯୁକ୍ତ ପ୍ରଦେଶ ଭଳି କେତେକ କ୍ଷେତ୍ରରେ ଏହି ଉପାୟ ସ୍ଥାନୀୟ ଲୋକଙ୍କ ପାଇଁ ଅନୁକୂଳ ହେଲା ନାହିଁ । ଏହା ସନ୍ତସନ୍ତିଆ ଏବଂ ଅତ୍ୟଧିକ ଲବଣାକ୍ତର କାରଣ ଥିଲା ।

୧୮୫୩ରେ ଲର୍ଡ ଡେଲହାଉସୀ ଭାରତରେ ରେଳ ମାର୍ଗ ନିର୍ମାଣ କରିବା ପାଇଁ ସିଦ୍ଧାନ୍ତ ନେଲେ । ଅବଶ୍ୟ ରେଲୱେକୁ ହିଁ ବ୍ରିଟିଶ ଶାସନରେ ମୁଖ୍ୟ ବିକାଶର ମୋହର ବୋଲି ଅଭିହିତ କରାଯାଏ । କିନ୍ତୁ ଭାରତରେ ରେଳପଥ ନିର୍ମାଣ ଭାରତୀୟ ଅର୍ଥନୈତିକ ବିକାଶର ଔପନିବେଶିକ ଢ଼ାଞ୍ଚାକୁ ସୁଦୃଢ଼ କଲା । ରେଲୱେର ନେଟୱର୍କ ଆଭ୍ୟନ୍ତରୀଣ ବଜାରଗୁଡ଼ିକୁ ଚିହ୍ନଟ କରିବାରେ ସହାୟତା ହେଲା ତଥା ଉତ୍ପାଦନ ନିମିତ୍ତ କଞ୍ଚାମାଲର ସ୍ରୋତ ଅନୁସନ୍ଧାନ କରିବାରେ ସହୟତା ହେଲା । ଏହା ସହିତ ଆଭ୍ୟନ୍ତରୀଣ ବଜାରଗୁଡ଼ିକୁ ପରସ୍ପର ସହିତ ଯୋଡ଼ିବା ପରିବର୍ତ୍ତେ ସମୁଦ୍ରତଟ ସହରଗୁଡ଼ିକ ସହିତ ଯୋଡ଼ି ଦିଆଗଲା । ରେଲୱେ ତନ୍ତ୍ର ଏହି ପ୍ରକାର ବିଦେଶୀ ବାଣିଜ୍ୟରେ ଅଧିକ ଲାଭ ସୃଷ୍ଟି କଲା । ଦେଶର ସୀମା କ୍ଷେତ୍ରରେ ତିଆରି ହୋଇଥିବା ଲାଇନ ସୈନ୍ୟ ଅଭିଯାନକୁ ପ୍ରାରମ୍ଭ କରିପାରିବା ସହିତ କିଛି ଅଭାବ ଅନାଟନ ଅଞ୍ଚଳରେ ଦୁର୍ଭିକ୍ଷର ମୁକାବିଲା ପାଇଁ ରେଲୱେ ତିଆରି ହେଲା । ସର୍ବୋପରି ସମ୍ପୂର୍ଣ୍ଣ ପରିଯୋଜନା ବ୍ରିଟିଶ ପୁଞ୍ଜିରେ ନିର୍ମାଣ ହେବା ସହିତ ବ୍ରିଟେନର ନିବେଶକମାନଙ୍କ ପାଞ୍ଚ ପ୍ରତିଶତ ଲାଭାଂଶ ଗ୍ୟାରେଣ୍ଟି ଦିଆଗଲା । ଏହାକୁ ଭାରତୀୟ ରାଜସ୍ୱରୁ ଭରଣା କରା ହେଉଥିଲା । ଉଚ୍ଚ ସ୍ତରୀୟ କୁଶଳତା ତଥା ମେସିନାରୀ, ରେଲୱେ ଧାରଣା, କୋଇଲା ଇତ୍ୟାଦି ରେଲୱେ ଉପକରଣ ବ୍ରିଟେନରୁ ଆମଦାନୀ କରାହେଉଥିଲା । ଏହାଦ୍ୱାରା ସୁନିଶ୍ଚିତ କରାଗଲା କି ରେଲୱେ ନିର୍ମାଣର ବିବିଧ ପ୍ରଭାବ ଭାରତଠାରୁ ଦୂରରେ ରହିବ ।

ଅନ୍ୟ ଘଟଣାମାନଙ୍କ ମଧ୍ୟରେ ଭାରତର ଆଭ୍ୟନ୍ତରୀଣ ଅଞ୍ଚଳଗୁଡ଼ିକ (ରେଲୱେ ଫଳରେ)ଅଧିକୃତ ହେବା ପରେ ଭାରତୀୟ ହସ୍ତଶିଳ୍ପ ଉଦ୍ୟୋଗ ଗୁଡ଼ିକ ନଷ୍ଟ କରି ଦିଆଗଲା । ମାତ୍ର ସେହି ହସ୍ତ ଶିଳ୍ପଗୁଡ଼ିକ ସ୍ଥାନୀୟ ଶାସକ ତଥା ବିଦେଶୀ ବଜାର ଦ୍ୱାରା ଆଦୃତ ହେଉଥିଲା । ବ୍ରିଟେନର ନିୟନ୍ତ୍ରଣ ବୃଦ୍ଧି ସହିତ ଚିରାଚରିତ ଦେଶୀୟ ନ୍ୟାୟାଳୟଗୁଡ଼ିକର ବିଲୟ ଘଟିଲା । ବ୍ରିଟିଶମାନେ ମଧ୍ୟ ଅଶମ ସୀମା ଶୁଳ୍କ ପଦ୍ଧତି ଲାଗୁକଲେ । ଏହି ବର୍ଦ୍ଧିତ ଚୁଙ୍ଗୀକର ଫଳରେ ଭାରତୀୟ ପଦାର୍ଥଗୁଡ଼ିକ ବ୍ରିଟିଶ ବଜାରରେ ପ୍ରବେଶକୁ ପ୍ରତିବନ୍ଧକ ଲଗାଗଲା । ଏହା ପରିବର୍ତ୍ତେ ଇଉରୋପରେ ଶିଳ୍ପ ବିପ୍ଳବ ଫଳରେ ମେସିନ ପ୍ରସ୍ତୁତ ଶସ୍ତା ବ୍ୟବହାରିକ ସାମଗ୍ରୀମାନ ଭାରତୀୟ ବଜାରମାନଙ୍କରେ ପ୍ଳାବିତ ହେଲା । ଏହା ସହିତ ପ୍ରତିଦ୍ୱନ୍ଦ୍ୱିତା କରି ନପାରି ଭାରତୀୟ ସାମଗ୍ରୀଗୁଡ଼ିକ ଉଭୟ ଦେଶୀୟ ତଥା ବଦେଶୀ ବଜାରରେ ସେମାନଙ୍କର ସତ୍ତା ହରାଇ ବସିଲେ । ଏହି ଧ୍ୱଂସକାରୀ ପ୍ରଣାଳୀ ଅନୈଦ୍ୟୋଗୀକରଣକୁ ଜନ୍ମ ଦେଲା ଓ ଏହାର ଚାପ ଭାରତ ମାଟିରେ ବଢ଼ିବା ପାଇଁ ଲାଗିଲା ।

### ପାଠଗତ ପ୍ରଶ୍ନ ୧୭.୨

୧. ଅଷ୍ଟାଦଶ ଶତାବ୍ଦୀରେ କେଉଁ ଅର୍ଥଶାସ୍ତ୍ର ମୁକ୍ତ ବ୍ୟାପାର ସିଦ୍ଧାନ୍ତର ସ୍ଥାପନା କଲେ ?

..................................................................................................





୨. କୃଷିର ବ୍ୟବସାୟୀକରଣ କିପରି ଦୁର୍ଭିକ୍ଷର କାରଣ ହେଲା ?

............................................................................................

୩. ବ୍ରିଟିଶମାନଙ୍କ ଦ୍ୱାରା ନିର୍ମିତ ଜଳସେଚନ କେନାଲମାନଙ୍କ ଦ୍ୱାରା କେଉଁ ଅଞ୍ଚଳ ଲାଭବାନ ହୋଇଥିଲା ?

............................................................................................

୪. କିପରି ବ୍ରିଟେନର ଔଦ୍ୟୋଗିକ କ୍ରାନ୍ତି ବ୍ରିଟିଶ-ଇଣ୍ଡିଆରେ ଅନୌଦିକରଣକୁ ଜନ୍ମ ଦେଲା ?

............................................................................................

## ୧୭.୩ ବ୍ରିଟିଶ ଉପନିବେଶବାଦର ତୃତୀୟ ଚରଣ

ବ୍ରିଟିଶ ଭାରତର ତୃତୀୟ ଚରଣ ୧୮୬୦ ମସିହାରେ ପ୍ରାରମ୍ଭ ହୋଇଥିଲା । ସେତେବେଳେ ଭାରତ, ବିସ୍ତାରିତ ବ୍ରିଟିଶ ସାମ୍ରାଜ୍ୟର ଏକ ଅଂଶ ହୋଇ ବ୍ରିଟିଶ ରାଜସିଂହାସନର ନିୟନ୍ତ୍ରଣ ଓ ସାର୍ବଭୌମତାର ଅଧିନ ହୋଇଗଲା । ଏହି ସମୟ ଏକ ପ୍ରକାର ଆର୍ଥିକ-ସାମ୍ରାଜ୍ୟବାଦ ଥିଲା ଏବଂ ଏହି ସମୟରେ ବିଦେଶୀ ପୁଞ୍ଜି ଭାରତୀୟ ଉପନିବେଶରେ ନିବେଶିତ ହେଉଥିଲା । ଏହି ପୁଞ୍ଜି ବ୍ରିଟିଶ ବ୍ୟାଙ୍କ, ଆମଦାନି-ରପ୍ତାନି ସଂସ୍ଥା ତଥା ପ୍ରବନ୍ଧକ ପ୍ରତିନିଧିମାନଙ୍କ ଘନିଷ୍ଠ ସହଯୋଗରେ ସଂଗଠିତ ହେଉଥିଲା ।

ଯଦିଚ ଉପନିବେଶବାଦ ପ୍ରକ୍ରିୟା ବିଭିନ୍ନ ଚରଣମାନଙ୍କରେ ବିଭାଜିତ ହୋଇ ଅଛି ତଥାପି ଜଣେ ମନେରଖିବା ଉଚିତ ଯେ ଏହି ସମୟ ନିର୍ଦ୍ଧାରଣ ମନଇଚ୍ଛା ଏକତରଫା ହୋଇଅଛି । ତୃତୀୟ ଚରଣ କେବଳ ଦ୍ୱିତୀୟ ଚରଣ ପ୍ରବୃତ୍ତିର ସମ୍ମିଳୀତ ପରିପ୍ରକାଶ ଥିଲା । ଏହି ଚରଣର ପଠନ ଅଧିକ ଲାଭଦାୟକ ହେବ କାରଣ ଏହି ଚରଣରେ ଶୋଷଣର ପୁରୁଣା ତଥା କୃର କାର୍ଯ୍ୟଶୈଳୀ ସହିତ ନୂତନ ଏବଂ କଠୋର ନୀତି ମାନ ଗ୍ରହଣ କରାଯାଇଥିଲା । ଯାହା ହେଉନା କାହିଁକି ତୃତୀୟ ଚରଣର ମହତ୍ୱପୂର୍ଣ୍ଣ ଗତିବିଧି ଥିଲା ବିକଶିତ ତଥା ଔଦ୍ୟୋଗିକ ଦେଶ ତଥା ଏସିଆ, ଆଫ୍ରିକା ଏବଂ ଲାଟିନ ଆମେରିକା ଉପନିବେଶଗୁଡିକ ମଧ୍ୟରେ ପ୍ରବଳ ପ୍ରତିଦ୍ୱନ୍ଦିତା । ଉନବିଂଶ ଶତାବ୍ଦୀରେ ଫ୍ରାନ୍ସ, ଜର୍ମାନୀ, ବେଲଜିୟମ ତଥା ଆମେରିକା ଏବଂ ଏପରିକି ଜାପାନ ମଧ୍ୟ ଔଦ୍ୟୋଗିକରଣର ସ୍ୱାର୍ଥ ଚାଖିଥିଲେ । ବିଶ୍ୱ ବଜାରରେ ପ୍ରତିଦ୍ୱନ୍ଦିତାର କାରଣ ବ୍ରିଟେନର ପ୍ରଭାବ ଧୀରେ ଧୀରେ କମ୍ ହେବାରେ ଲାଗିଲା । ନୂତନ ବଜାର ଅନୁସନ୍ଧାନ, ଓ କଞ୍ଚାମାଲ୍‌ର ସନ୍ଧାନ ନିମିତ୍ତ ଏହି ଦେଶଗୁଡିକ ନୂତନ ଉପନିବେଶ ଖୋଜିବାରେ ଲାଗିଲେ । ଏହା ସହିତ ସେମାନେ ତାଙ୍କ ପାଖରେ ଥିବା ବର୍ତ୍ତମାନ ଔପନିବେଶିକ ବସ୍ତିଗୁଡିକ ଉପରେ ସେମାନଙ୍କର ନିୟନ୍ତ୍ରଣକୁ ଅଧିକ ସୁଦୃଢ଼ କଲେ । ଆର୍ଥିକ ବ୍ୟବସ୍ଥାରେ ପୁଞ୍ଜି ସଂଗ୍ରହର ବ୍ୟବସ୍ଥାକୁ ମଧ୍ୟ ଶ୍ରୀ ଗଣେଷ କରିଦେଲେ ଯାହା କମ୍ ସଂଖ୍ୟାରେ ବ୍ୟାଙ୍କ ଏବଂ ବ୍ୟବସାୟରେ କେନ୍ଦ୍ରିତ ଥିଲା । ଏହି ପୁଞ୍ଜିକୁ ଔଦ୍ୟୋଗିକ ଉତ୍ପାଦନର ଗତିକୁ ଆହୁରି ତୀବ୍ର କରାଗଲା ଏବଂ କଞ୍ଚାମାଲର ତୀବ୍ର ପ୍ରବାହ ରଖିବାକୁ ଉପନିବେଶର ଅଧିକ ପୁଞ୍ଜି ନିବେସ କରାଗଲା ।

ଅନ୍ୟାନ୍ୟ ପୁଞ୍ଜିବାଦୀ ବିକାଶଶୀଳ ଦେଶମାନଙ୍କରେ ଅଧିକ ଶୁଳ୍କ ପ୍ରତିବନ୍ଧକ ଯୋଗୁଁ ବ୍ରିଟେନ

ପ୍ରସ୍ତୁତ ଉତ୍ପାଦନର ସଙ୍କୋଚନ ପ୍ରକ୍ରିୟାକୁ ଜନ୍ମ ଦେଲା। ବ୍ରିଟେନକୁ କୃଷିଭିତ୍ତିକ ଉତ୍ପାଦିତ ଦ୍ରବ୍ୟମାନଙ୍କର ପ୍ରଚୁର ଆମଦାନୀର ଆବଶ୍ୟକତା ପଡିବାରୁ ଅନ୍ୟାନ୍ୟ ଦେଶ ସହିତ ବାଣିଜ୍ୟ ସମ୍ପର୍କରେ ଭୟଙ୍କର ଅବସ୍ଥା ସୃଷ୍ଟି ହେଲା। ବ୍ରିଟେନର କ୍ଷତିର ଭରଣା ପାଇଁ ଭାରତ ଭୂମିକା ମହତ୍ୱପୂର୍ଣ୍ଣ ପ୍ରମାଣିତ ହେଲା। ଭାରତ ଉପରେ ନିୟନ୍ତ୍ରଣ ଦ୍ୱାରା ଏହା ସୁନିଶ୍ଚିତ ହେଲା ଯେ ଲାଙ୍କାସାୟାର ଲୁଗା ନିମିତ୍ତ ଏକ ବନ୍ଧନୀ ବଜାର ମହଜୁଦ ଅଛି। ସର୍ବୋପରି ଭାରତର ଅନ୍ୟାନ୍ୟ ଦେଶମାନଙ୍କୁ ବଳକା କଞ୍ଚାମାଲର ରପ୍ତାନି ଫଳରେ କ୍ଷତି ହେଉଥିବା ଅନ୍ୟାନ୍ୟ ବ୍ୟାପାରକୁ ଭରଣା କରିଥିଲା ।

ଯେତେବେଳେ ଗୋଟିଏ ପଟରେ ଦେଶୀ ହସ୍ତଶିଳ୍ପଗୁଡିକ ଦୁର୍ବଳ ହୋଇପଡିଲେ ସେହି ସମୟରେ ଏହି ଉପନିବେଶରେ ନୂତନ ଉଦ୍ୟୋଗ ଆରମ୍ଭ ନିମିତ୍ତ ଉଦ୍ୟମ ଆରମ୍ଭ ହୋଇଥିଲା। ଯଦିଚ ଔପନିବେଶିକ ସରକାର ମୁକ୍ତ-ବ୍ୟାପାର ସମ୍ବନ୍ଧରେ କଥା କହୁଥିଲା ମାତ୍ର ରାଜ୍ୟର ଭେଦଭାବ ପୂର୍ଣ୍ଣ ନୀତି ପରିପ୍ରେକ୍ଷିରୁ ସ୍ୱଦେଶୀ ବ୍ୟବସାୟକୁ ଅନେକ ବାଧାବିଘ୍ନର ସମ୍ମୁଖୀନ ହେବା ପାଇଁ ପଡୁଥିଲା। ବ୍ରିଟିଶ ପୁଞ୍ଜି ପ୍ରାଥମିକ ଅବସ୍ଥାରେ ରେଲୱେ, ଝୋଟ ଶିଳ୍ପ, ଚା ବାଗାନ ଏବଂ ଖଣିରେ ନିବେଶ କରାଯାଇଥିଲା। ଭାରତୀୟ ପୁଞ୍ଜି ବଜାର ୟୁରୋପୀୟ ବ୍ୟାଙ୍କି ସଂସ୍ଥା ଦ୍ୱାରା ସଂଚାଳିତ ହେଉଥିଲା। ଯେତେବେଳେ ଉପଲବ୍ଧ ବ୍ୟାଙ୍କିଙ୍ଗ୍ ସଂଯୁକ୍ତ ବ୍ୟବସ୍ଥା ଦ୍ୱାରା ବ୍ରିଟିଶ ଉଦ୍ୟୋଗୀମାନଙ୍କ ପାଇଁ ସହଜ ପୁଞ୍ଜି ଉପଲବ୍ଧି ହେଉଥିଲା ସେତେବେଳେ ଭାରତୀୟ ବ୍ୟାପାରୀମାନେ କେବଳ ପରିବାର କିମ୍ବା ଜାତିଗତ ସଂଗଠନ ଉପରେ ନିର୍ଭରଶୀଳ ଥିଲେ। ବ୍ରିଟିଶ ବ୍ୟାଙ୍କିଂ କମ୍ପାନୀ ତଥା ବ୍ରିଟିଶ ଟ୍ରେଡିଂ ମାନଙ୍କର ଲାଭ ବହୁତ ସୁନିୟୋଜିତ ଭାବରେ ଚେମ୍ବର୍ସ ଅଫ୍ କମର୍ସ ତଥା ପ୍ରବନ୍ଧକ ସଂସ୍ଥାମାନଙ୍କ ଦ୍ୱାରା ସଂଚାଳିତ ହେଉଥିଲା। ପ୍ରଥମ ବିଶ୍ୱ ଯୁଦ୍ଧ ପରେ ପରେ ବ୍ରିଟିଶ ପ୍ରବନ୍ଧନ ସଂସ୍ଥା ଦ୍ୱାରା ଔଦ୍ୟୋଗିକ ପୁଞ୍ଜିର ୭୫ ପ୍ରତିଶତ ଭାଗକୁ ନିୟନ୍ତ୍ରଣ କରାଯାଉଥିଲା। ଏହି ସିମୀତ ଔଦ୍ୟୋଗିକରଣରୁ ପ୍ରାପ୍ତ ଅଧିକତ୍ତମ ଆୟ ବ୍ରିଟେନକୁ ଫେରସ୍ତ ଦିଆଯାଉଥିଲା।

ମାତ୍ର ଅନେକ କଠିନତା ସତ୍ତ୍ୱେ ଭାରତୀୟ ବ୍ୟାପାରୀମାନେ ଆଗକୁ ବଢ଼ିବା ପାଇଁ ସୁଯୋଗ ପାଇଲେ ଏବଂ ସେହି ସମୟରେ ବ୍ରିଟେନ ଅର୍ଥନୀତି କଠିନ ସମୟ ମଧ୍ୟରେ ଗତିକରୁଥିଲା। ଜି.ଡି.ବିରଳା ଏବଂ ସ୍ୱରୂପା ନନ୍ଦ ହେମ ଚାନ୍ଦ ଭଳି କେତେକ କଲିକତାର ମାରୱାଡି ବ୍ୟାପାରୀ ଝୋଠ ଶିଳ୍ପମାନଙ୍କରେ ପୁଞ୍ଜି ନିବେଶ କରିଥିଲେ। ଧୀରେ ଧୀରେ ସେମାନଙ୍କର ନିୟନ୍ତ୍ରଣ କୋଇଲା ଖଣି, ଚିନି କଳ ଏବଂ କାଗଜ ଶିଳ୍ପ ଭଳି ଅଞ୍ଚଳକୁ ବ୍ୟାପିଗଲା ଏପରିକି ସେମାନେ କେତେକ ଇଉରୋପୀୟ କମ୍ପାନରଗୁଡିକୁ କିଣି ନେଇ ପାରିଲେ। ଭାରତୀୟ ପୁଞ୍ଜିର ଜବରଦସ୍ତ ସଫଳତା ପଶ୍ଚିମରେ ଲୁଗା ଉଦ୍ୟୋଗରେ ଦେଖା ଯାଇଥିଲା, ଯେଉଁମାନେ ନିଜ ସଫଳତାକୁ ସଙ୍ଗଠିତ କରିବା ପାଇଁ ବିଶ୍ୱ ଯୁଦ୍ଧ (୧୯୧୪-୧୮)ପରେ ପରେ ବଡ ଧରଣର ଲାଭ ଉଠାଇଲେ ତଥା ଏହା ପାଖାପାଖି ଲଙ୍କାସାୟାରର ବରାବର ସ୍ଥିତିକୁ ଆସିଯାଇଥିଲା। କିଛି ପ୍ରତିଷ୍ଠିତ ବ୍ୟବସାୟୀ ସମାଜ ଯଥା:ଗୁଜରାତୀ, ବଣିଆ, ପାର୍ଶୀ, ବୋହରା ଏବଂ ଭାଟିଆ ଏହି କ୍ଷେତ୍ରରେ ଅତ୍ୟଧିକ ମହତ୍ତ୍ୱପୂର୍ଣ୍ଣ ହୋଇଗଲେ। ଟାଟା ଲୌହ ଇସ୍ପାତ କମ୍ପାନୀକୁ ସରକାରୀ ସଂରକ୍ଷଣ ମିଳିବା ସହିତ ଇସ୍ପାତ କମ୍ପାନୀର ନେତୃତ୍ୱ ନେବାର ସୁଯୋଗ ପ୍ରାପ୍ତ ହୋଇଥିଲା।





ପ୍ରଥମ ବିଶ୍ୱ ଯୁଦ୍ଧ ଉପରାନ୍ତରେ ବିଦେଶୀ ବଜାର ସହିତ ସଂଯୋଗ ପୁନଃ ପ୍ରତିଷ୍ଠିତ ହେଲା। କିନ୍ତୁ ପୁନଃ ଅର୍ଥନୈତିକ ଅବପତନ (୧୯୨୯-୧୯୩୩) ବର୍ଷମାନଙ୍କରେ ଘରୋଇ ବଜାରଗୁଡ଼ିକ ତୁଳନାତ୍ମକ ଭାବରେ ଦେଶୀ ଉଦ୍ୟୋଗୀମାନଙ୍କ ପାଇଁ ଲାଭ ଉଠାଇବା ପାଇଁ ମୁକ୍ତ ହୋଇଗଲା କାରଣ ସେତେବେଳେ ବିଦେଶୀ ବ୍ୟାପାର ଅବନତି ଘଟିଥିଲା। ଉପନିବେଶବାଦୀ ସରକାର ଚିନି ତଥା କାର୍ପାସ ଉଦ୍ୟୋଗଗୁଡ଼ିକୁ କିଛି ସୁରକ୍ଷା ପ୍ରଦାନ କରିଥିଲେ। କୃଷିକ୍ଷେତ୍ରରେ ମୂଲ୍ୟ ହ୍ରାସକୁ ଦେଖି ଏହି ପଦକ୍ଷେପ ନିଆଯାଇଥିଲା। ସ୍ୱଚ୍ଛ ମୂଲ୍ୟ କୃଷି ପୁଞ୍ଜି ନିବେଶ ପରିବର୍ତ୍ତେ ନିବେଶକାରୀମାନେ ଔଦ୍ୟୋଗିକ କ୍ଷେତ୍ରରେ ବିନିଯୋଗ କରିବା ପାଇଁ ବାଧ୍ୟ ହେଲେ। ଭାରତୀୟମାନେ ମଧ୍ୟ ବୀମା ତଥା ବ୍ୟାଙ୍କିଙ୍ଗ କ୍ଷେତ୍ରକୁ ଲମ୍ଫ ପ୍ରଦାନ କରିଥିଲେ। ପୁଣି ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ (୧୯୩୯-୪୫) ଯେତେବେଳେ ବିଦେଶୀ ଆର୍ଥିକ ପ୍ରଭାବ ହ୍ରାସ ହେବା ପ୍ରାରମ୍ଭ ହେଲା, ଭାରତୀୟ ଉଦ୍ୟୋଗପତିମାନେ ଭାରି ଲାଭ କମାଇଲେ। ନିଜ ନିଜର ସିମୀତ ସଫଳତାରେ ଉତ୍ସାହିତ ହୋଇ ଭାରତୀୟ ପୁଞ୍ଜିବାଦୀ ବର୍ଗମାନେ ନିଜ ନିଜର ସମ୍ପର୍କ ଭାରତୀୟ ରାଷ୍ଟ୍ରବାଦୀମାନଙ୍କ ସହିତ ଯୋଡ଼ିବାକୁ ଲାଗିଲେ। ଖୁବ୍ ଶୀଘ୍ର ସେମାନେ ରାଜ୍ୟମାନଙ୍କ ଅଧିନରେ ଭାରୀ ଉଦ୍ୟୋଗମାନ ସ୍ଥାପନା କରିବା ପାଇଁ ଦାବି ଆରମ୍ଭ କରିଥିଲେ ଏବଂ ବିଦେଶୀ ପୁଞ୍ଜିର ପ୍ରବେଶ ପ୍ରସଙ୍ଗକୁ ନେଇ ଏମାନେ ନିଜକୁ ସଙ୍ଗଠିତ କରିବା ଆରମ୍ଭ କରିଦେଲେ।

କିନ୍ତୁ ବ୍ୟାପକ ରୂପେ ଏହି ସଫଳତାକୁ ସଠିକ୍ ପରିପ୍ରେକ୍ଷୀରେ ଦେଖିଲେ ଏହି ବିକାଶ ଘରୋଇ ବଜାର ପର୍ଯ୍ୟନ୍ତ ସିମୀତ ଥିଲା ଏବଂ ଆଗକୁ ସ୍ୱଦେଶୀ ପୁଞ୍ଜିକୁ ଉପନିବେଶବାଦି ଅର୍ଥ ବ୍ୟବସ୍ଥାର ଢ଼ାଞ୍ଚା ପ୍ରତି ଦୁର୍ବଳତାଗୁଡ଼ିକ ବିରୋଧରେ ଏକ ଲମ୍ବା ଲଢ଼େଇ ଲଢ଼ିବାର ଥିଲା। ଭାରତୀୟମାନଙ୍କର ଗରିବତାକୁ ଦେଖି ପ୍ରଗତିର ସମ୍ଭାବନାରେ ନିରାଶ ହେବାକୁ ପଡୁଥିଲା।

ଦାଦାଭାଇ ନାରୋଜୀ, ଏମ.ଜି.ରାଣା ଦେ ଏବଂ ଆର.ସି.ଦତ୍ତ ଭଳି ପ୍ରାରମ୍ଭିକ ସମୟର ଭାରତୀୟ ଜାତୀୟବାଦୀମାନେ ବ୍ରିଟେନ ନିକଟରୁ ଭାରତରେ ପୁଞ୍ଜିବାଦୀ ଔଦ୍ୟୋଗୀକରଣର ଆଶା ରଖିଥିଲେ ମାତ୍ର ଉପନିବେଶବାଦୀ ଆର୍ଥିକ ନୀତିମାନଙ୍କରେ ଏମାନେ ଅସନ୍ତୁଷ୍ଟ ଥିଲେ। ପରିଣାମତଃ ଏମାନେ ଊନବିଂଶ ଶତାବ୍ଦୀର ଶେଷରେ ଉପନିବେଶବାଦର ଭୟଙ୍କର ଆର୍ଥିକ ଆଲୋଚନା କଲେ। ଦାଦାଭାଇ ନାରୋଜୀ "ସମୃଦ୍ଧିର ପଳାୟନ" ଅବଧାରଣାକୁ ଆଗେଇ ନେଇଥିଲେ। ତାଙ୍କ ଅନୁସାରେ ଭାରତରେ ଗରୀବ, ଭାରତୀୟ ସମ୍ପଦ ଧୀରେ ଧୀରେ ବ୍ରିଟେନକୁ ପଳାୟନର ପରିଣାମ ଥିଲା। ଏହି ପଳାୟନ ଅଧିକ ସୁଧ ଯାହା ଭାରତରେ ଇଷ୍ଟଇଣ୍ଡିଆ କମ୍ପାନୀକୁ ବିଦେଶୀ କରଜ ପରିଶୋଧ କରିବା ପାଇଁ ଉଦ୍ଦିଷ୍ଟ, ସୈନ୍ୟ ଖର୍ଚ୍ଚ, ରେଲୱେ ତଥା ଅନ୍ୟ ଢ଼ାଞ୍ଚାଗତ ସେବାମାନଙ୍କରେ ବିଦେଶୀ ନିବେଶ ଉପରେ ନିଶ୍ଚିତ ସୁଧ, ଇଂଲଣ୍ଡରେ ପ୍ରତ୍ୟେକ ଲିଖନ ସମାଗ୍ରୀଗୁଡ଼ିକର ଆମଦାନୀ, ବ୍ରିଟିଶ ସରକାରଙ୍କ ଦ୍ୱାରା ଭାରତରେ ଶାସନ କରିବା ପାଇଁ ସୈନ୍ୟ ତଥା ନାଗରିକ ଅଧିକାରୀମାନଙ୍କର ନିଯୁକ୍ତି, ରାଜ ସଚୀବମାନଙ୍କର ବେତନ, ବ୍ରିଟିଶ ଶାସନ ପାଇଁ ସରକାରଙ୍କର ଦ୍ୱାରା ନିଯୁକ୍ତ ସାମରୀକ ତଥା ସାଧାରଣ ଅଧିକାରୀମାନଙ୍କ ଭତ୍ତା ଓ ତାଲିମ ନିମିତ୍ତ ଖର୍ଚ୍ଚ ପାଇଁ ହୋଇଥିଲା। ଯଦିଚ ଏହି ନିର୍ଗତ ସମସ୍ତ ଭାରତୀୟ ରପ୍ତାନୀ ମୂଲ୍ୟର ଏକ ଛୋଟ ଅଂଶ ଥିଲା ତଥାପି ଏହା ଯଦି ଭାରତରେ ନିବେଶିତ ହୋଇଥାନ୍ତା ତାହାହେଲେ ଉପନିବେଶବାଦୀ ଆର୍ଥିକ ନୀତିଗୁଡ଼ିକୁ ନେଇ ଏକ ମୁଖ୍ୟ ପ୍ରଶ୍ନ ଉଠୁଥିଲା କି କ'ଣ ଭାରତରେ କିଛି ବିକାଶ ହେଲା? ଏହି ପ୍ରଶ୍ନର ଉତ୍ତର ସରଳ ନୁହେଁ।



ନୋଟସ୍



ଆମ୍ଭେମାନେ ଅଷ୍ଟାଦଶ ଶତାବ୍ଦୀର ମୋଗଲ ସାମ୍ରାଜ୍ୟଠାରୁ ଆରମ୍ଭ କରୁଛୁ ଯେତେଦିନ ପର୍ଯ୍ୟନ୍ତ ବ୍ରିଟିଶମାନେ ନିଜକୁ ମୁଖ୍ୟ ଶକ୍ତି ରୂପେ ସ୍ଥାପିତ କରିପାରି ନଥିଲେ । ଏହି ମତ ଥିଲା ଯେ ଅଷ୍ଟାଦଶ ଶତାବ୍ଦୀରେ ମୋଗଲ ସମୟ ପତନ ଆଡକୁ ଅଗ୍ରସର ହେଉଥିଲା ଏବଂ ଗମ୍ଭିର ଆର୍ଥିକ ସମସ୍ୟା ତଳକୁ ଆସି ଯାଇଥିଲା । ଏହା ଉପରେ ଐତିହାସିକମାନେ ଏକମତ ହୋଇନଥିଲେ । ଆମେ ମୋଗଲ ସାମ୍ରାଜ୍ୟର ପତନକୁ ନେଇ ଏକ ବୃହତ୍ତ ଦୃଷ୍ଟିକୋଣ ଗ୍ରହଣ କରିବାର ଆବଶ୍ୟକତା ରହିଛି । କାରଣ ପରେ ପରେ କେତେକ ଐତିହାସିକ ଏହି ସିଦ୍ଧାନ୍ତକୁ ଓଲଟାଇ ଦେଲେ ଏବଂ ଏମାନେ ନୂତନ ବିଦ୍ରୋହ ସମୂହର ଉଦୟକୁ ମୋଗଲ ସାମ୍ରାଜ୍ୟର ପତନର କାରଣ ବୋଲି କହିଲେ । ଏମାନେ ତର୍କ ବାଢ଼ିଲେ ଯେ ସମ୍ପୂର୍ଣ୍ଣ ମୋଗଲ କାଳ ସମ୍ପନ୍ନତା ତଥା ଆର୍ଥିକ ବିକାଶର ଯୁଗ ଥିଲା । ସଙ୍କଟର ସମୟ ନଥିଲା । ରାଜନୈତିକ ଢ଼ାଞ୍ଚାରେ ସ୍ଥାନୀୟ ଜମିଦାର ଏବଂ ନଗର ସଂସ୍ଥା (Urban guild) ମାନଙ୍କ ହାତରେ ବ୍ୟାପକ ଶକ୍ତି ତଥା ସ୍ୱାୟତ୍ତତା ଥିଲା ଯାହା ଫଳରେ ସେମାନେ ଅତିରିକ୍ତ ସମ୍ପତ୍ତି ଠୁଳ କରି ପାରୁଥିଲେ । ମୁରାଦାବାଦ, ବରେଲୀ, ଅବଧ, ବନାରସ ତଥା ବଙ୍ଗଳା ଏହି ଅତିରିକ୍ତ କ୍ଷେତ୍ରର ମୁଖ୍ୟ ଥିଲେ । ଚାଷକାର୍ଯ୍ୟର ପ୍ରସାର ନିମିତ୍ତ ଜଙ୍ଗଲଗୁଡିକ ପରିଷ୍କାର କରାଯାଇଥିଲା । କୃଷିକ୍ଷେତ୍ରରେ କ୍ରମଶଃ ଉତ୍ପାଦନ ବୃଦ୍ଧି ତଥା ଜଟିଳ ସଂବନ୍ଧର ସ୍ଥାପନା ଜମିଦାର ତଥା ଜମିଦାରମାନଙ୍କୁ ଅତିରିକ୍ତ ସଂଗ୍ରହ ପାଇଁ ଯୋଗ୍ୟ କରାଗଲା ଏବଂ ସେମାନେ ନୂତନ କ୍ଷେତ୍ରିୟ ଶକ୍ତି ରୂପେ ମୋଗଲ ସାର୍ବଭୌମତ୍ୱକୁ ଆହ୍ୱାନ ଦେଲେ ।

### ପାଠଗତ ପ୍ରଶ୍ନ ୧୭.୩

୧. କେଉଁ ବିଶ୍ୱ ଘଟଣା ଭାରତୀୟ ଉଦ୍ୟୋଗପତିମାନଙ୍କୁ ପ୍ରଥମ ଥର ପାଇଁ ବ୍ୟାପକ ଭାବରେ ଅଭିବୃଦ୍ଧି ପାଇଁ ସହାୟକ ହେଲା ?

..............................................................................................

୨. କିଏ ସମ୍ପତ୍ତି ବହିର୍ଗତର ସିଦ୍ଧାନ୍ତ ପରିବର୍ତ୍ତନ କରିଥିଲେ ?

..............................................................................................

୩. କ'ଣ ପରବର୍ତ୍ତୀ ଐତିହାସିକମାନେ ଅଷ୍ଟାଦଶ ଶତାବ୍ଦୀକୁ ଆର୍ଥିକ ରୂପରେ ଅନଗ୍ରସର ବୋଲି ଦେଖିଥିଲେ ?

..............................................................................................

ଏହି ପ୍ରକାର ଭାରତର ଯେଉଁ ଛବି ଆମ୍ଭମାନଙ୍କୁ ମିଳୁଛି ଏହା ଏପରି ଆର୍ଥିକ ସ୍ଥିତିରେ ଥିଲା ଯେଉଁଥିରେ ପ୍ରଗତିର ଅପାର ସମ୍ଭାବନା ଥିଲା । ପୁଣି ଆମେ ଗରିବର ବାଖ୍ୟା କେଉଁ ପ୍ରକାର କରିପାରିବା, ଯାହାର ପରିଚୟ ଆମେ ୨୦୦ ବର୍ଷର ଉପନିବେଶବାଦର ଅବସାନ ପରେ ମିଳୁଛି ? କିଛି ଲେଖକଙ୍କର ମତ ଯେ ବ୍ରିଟିଶମାନେ ଭାରତକୁ ଆଂଶିକ ରୂପେ ଆଧୁନିକ ହେବା ପାଇଁ ପ୍ରଜନ୍ କରିଥିଲେ । କିନ୍ତୁ ଉପସ୍ଥିତ ପରମ୍ପରାଗତ ଢ଼ାଞ୍ଚାର କାରଣରୁ ସେମାନେ





ଅସଫଳ ହୋଇଗଲେ । କିନ୍ତୁ ଆମେ ଅନୁଭବ କରୁଛୁ କି ଏହା ଅଧା-ଅଧୁରା ବିକାଶ, କେବଳ ସେମାନଙ୍କର ମାତୃଭୂମିକୁ ସୁବିଧା ଦେବା ପାଇଁ କରାଯାଇଥିଲା । ନିମ୍ନବର୍ଗର ପଛୁଆ ହେବାରେ ମଧ୍ୟ ଔଦ୍ୟୋଗିକ କ୍ରାନ୍ତିରେ ଦ୍ୱିତୀୟ ଅବତାର ବୋଲି ଦେଖାଯାଇପାରେ ଯେତେବେଳେ ଏହି କ୍ରାନ୍ତିର ମୁଖ୍ୟ ବିନ୍ଦୁ ପଶ୍ଚିମ ଥିଲା । ଏହି ପ୍ରକ୍ରିୟା ବ୍ରିଟେନରେ ଔଦ୍ୟୋଗିକ କ୍ରାନ୍ତିକୁ ଜନ୍ମ ଦେଲା, ଯାହା ଭାରତୀୟ ସମାଜରେ ପଛୁଆ ରହିବାର କାଏମ ରଖିଲା । କାରଣ ବ୍ରିଟିଶ ଅର୍ଥ ବ୍ୟବସ୍ଥା, ଭାରତୀୟ ଅର୍ଥ ବ୍ୟବସ୍ଥା ଉପରେ ପରପରାଙ୍ଗଭୋଜୀ ରୂପେ ଆଶ୍ରିତ ଥିଲା । 'ମୁକ୍ତ ବ୍ୟାପାର' ରୂପୀ ବିଶ୍ୱର ଅର୍ଥ ବ୍ୟବସ୍ଥାର ଅଭିନ୍ନ ପ୍ରଣାଳୀ ରୂପେ ବ୍ରିଟେନ ଅର୍ଥ ବ୍ୟବସ୍ଥା ଭାରତୀୟ ଅର୍ଥ ବ୍ୟବସ୍ଥା ସହିତ ସଂଯୋଜିତ ହୋଇଥିଲା ।

ସନ ୧୯୪୭ରେ ଭାରତ ପୂର୍ବ ଔଦ୍ୟୋଗିକରଣ ସ୍ଥିତିରେ ନଥିଲା । ଅତଏବ ସ୍ୱତନ୍ତ୍ରତା ପର ଆର୍ଥିକ ପ୍ରଗତିର ଢ଼ାଞ୍ଚାକୁ ଆମେ ପାଶ୍ଚାତ୍ୟର ଔଦ୍ୟୋଗିକରଣର ପ୍ରଣାଳୀକୁ ତୁଳନା କରିପାରିବା ନାହିଁ । ୧୯୪୭ରେ ଭାରତ ପ୍ରଥମ ରାଷ୍ଟ୍ରଭାବରେ ପଶ୍ଚିମର ପୁଞ୍ଜିବାଦୀ ବିକାଶର ଅଙ୍ଗ ହୋଇ ଯାଇଥିଲା । ମାତ୍ର ଏହା କମ୍ପାନୀର ପାରଦର୍ଶିତା ବଳରେ ୧୯୪୭ରେ ସ୍ୱାଧୀନ ଭାରତ ଔପନିବେଶବାଦୀ ଢ଼ଙ୍ଗରେ ଆଧୁନୀକରଣ ସମୟରେ ପାଦ ରଖିଥିଲା (ପରମ୍ପରାଗତ) ଯାହାକି ପରମ୍ପରାଗତ, ଢ଼ାଞ୍ଚାଗତ ରୂପେ ପଛୁଆ ତଥା ଅବିକଶିତ ଥିଲା ।

## ତୁମେ କ'ଣ ଶିଖିଲ ?

ଭାରତରେ ଉପ ମହାଦେଶରେ ନିଜର ଶାସନ ସ୍ଥାପିତ କରିବା ପାଇଁ ବ୍ରିଟିଶମାନଙ୍କର ଉପନିବେଶରେ ଆର୍ଥିକ ସନ୍ତୁଳନ ହିଁ ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଶୋଷଣର ଏହି ପ୍ରବୃତ୍ତି ଶାସନର ରୂପ ବଦଳାଇ ଦେଲା ଯାହା ବ୍ରିଟେନରେ ମଧ୍ୟ ପରିବର୍ତ୍ତନର ଜନ୍ମ ଦେଲା । ଏଥିରେ ମଧ୍ୟ ଉପନିବେଶରେ ଆର୍ଥିକ, ସାମାଜିକ ତଥା ରାଜନୈତିକ ପରିଣତି ଦେଖାଦେଲା । ଉପନିବେଶୀ ରାଜ୍ୟ ଅନ୍ତର୍ଗତ ହେବାକୁ ଥିବା ବିକାଶକୁ ଆଧୁନିକରଣର ସଂଜ୍ଞା ଦିଆଗଲା କିନ୍ତୁ ଉପନିବେଶ ଉପରେ ଏହାର ଭିନ୍ନ ପ୍ରଭାବ ପଡିଲା ଯାହା ପ୍ରଗତି ବଦଳରେ ପଛୁଆ ହବାର କାରଣ ହେଲା । ପରିଶେଷରେ ସଂସାଧନର ସନ୍ତୁଳନ, ଦେଶକୁ ଇଉରୋପରେ ଔଦ୍ୟୋଗିକରଣର ଯୋଗ୍ୟତା ଆଣିଦେଲା ।

## ପାଠାନ୍ତ ପ୍ରଶ୍ନ

୧. ବ୍ରିଟିଶ ଦ୍ୱାରା ଲାଗୁ ହୋଇଥିବା ନୀତିଗୁଡିକ କ'ଣ ଥିଲା ? ଉପନିବେଶର ଗ୍ରାମୀଣ କ୍ଷେତ୍ରରେ ଏହାର କ'ଣ ପ୍ରଭାବ ପଡିଲା ?

୨. ଉପନିବେଶରେ କୃଷିର ବ୍ୟବସାୟୀକରଣ ଏକ ସୁଦୃଢ଼ ପ୍ରଣାଳୀ କେଉଁ ପ୍ରକାରର ?

୩. ଆର୍ଥିକ ସାମ୍ରାଜ୍ୟର ବାଖ୍ୟା କରନ୍ତୁ ।

## ପାଠଗତ ପ୍ରଶ୍ନର ଉତ୍ତର

**୧୭.୧**

୧. ପ୍ରଥମ ଚରଣ ବ୍ୟାପାରବାଦର ଥିଲା (୧୭୫୭-୧୮୧୩) ପ୍ରତ୍ୟକ୍ଷ ଲୁଟପାଟ, ଦ୍ୱିତୀୟ ଚରଣ (୧୮୧୩-୧୮୫୮) ମୁକ୍ତ ବ୍ୟାପାର ତଥା ତୃତୀୟ ଚରଣ ୧୮୫୦ରୁ ପରବର୍ତ୍ତୀ ସାମ୍ରାଜ୍ୟବାଦ ଥିଲା ।





୨. କମ୍ପାନୀ ଅଧିକାରୀମାନଙ୍କ ଦ୍ୱାରା ନିଜ ନିଜର ବ୍ୟକ୍ତିଗତ ବ୍ୟାପାର ନିମିତ୍ତ ଦସ୍ତକର ଦୁରୁପଯୋଗ ବଙ୍ଗଳାର ନବାବଙ୍କୁ କ୍ରୋଧିତ କଲା ।

୩. ଜମିଦାର

୪. ମାନ୍ଦ୍ରାଜ ତଥା ବମ୍ବେ କ୍ଷେତ୍ର

**୧୭.୨**

୧. ଏଡାମ ସ୍ମିଥ

୨. ଲାଭଜନକ ଫସଲର ଉତ୍ପାଦନକୁ ଖାଦ୍ୟ ଫସଲର ମୂଲ୍ୟ ବଦଳରେ ପ୍ରୋତ୍ସାହନ ଦିଆଗଲା ।

୩. ପଞ୍ଜାବ

୪. ବ୍ରିଟେନର ମେସିନ ତିଆରି ଉତ୍ପାଦନରେ ଭାରତୀୟ ବଜାର ପ୍ଲାବିତ ହେଲା ଏବଂ ଭାରତୀୟ ହସ୍ତଶିଳ୍ପ ସେମାନଙ୍କ ସହିତ ମୁକାବିଲା କରିପାରିଲା ନାହିଁ ।

**୧୭.୩**

୧. ପ୍ରଥମ ବିଶ୍ୱ ଯୁଦ୍ଧ

୨. ଦାଦା ଭାଇ ନାରୋରଜୀ

୩. ନା, ପରବର୍ତ୍ତୀ ସମୟରେ ଇତିହାସକାରମାନେ ଅଷ୍ଟାଦଶ ଶତାବ୍ଦୀକୁ ଆର୍ଥିକ ବିକାଶ ତଥା ସମ୍ପନ୍ନତାର ଯୁଗ କହିଲେ ।

## ପାଠାନ୍ତ ପ୍ରଶ୍ନର ସଙ୍କେତ

୧. ପ୍ରଭାଗ ଦେଖ ୧୭.୧ ଭୂ-ରାଜସ୍ୱ ନୀତି

୧. ପ୍ରଭାଗ ଦେଖ ୧୭.୨ କୃଷିର ବ୍ୟବସାୟୀକରଣ

୧. ପ୍ରଭାଗ ଦେଖ ୧୭.୩ ବ୍ରିଟିଶ ଉପନିବେଶବାଦର ତୃତୀୟ ଚରଣ

## ଶବ୍ଦାବଳୀ

୧. ବ୍ୟାପାରବାଦ - ଷୋଡଶ ତଥା ଅଷ୍ଟମ ଶତାବ୍ଦୀରେ ଇଉରୋପରେ ପ୍ରଚଳିତ ଏକ ଆର୍ଥିକ ସିଦ୍ଧାନ୍ତ ଯେଉଁଥିରେ ରାଜ୍ୟ ଉପନିବେଶ ମାଧ୍ୟମରେ ସୁନା ରୂପାର ପ୍ରବାହ ସୁନିଶ୍ଚିତ କରୁଥିଲା ତଥା ବ୍ୟାପାର ଏବଂ ସଂସାଧନ ଉପରେ ନିୟନ୍ତ୍ରଣ ରଖୁଥିଲା ।

୨. ବୁଲିୟନ - ବହୁମୂଲ୍ୟ ଧାତୁ ଭଳି ସମ୍ପତ୍ତି ଯେପରି ସୁନା ଓ ରୂପା

୩. ଦୀବାନୀ - ରାଜସ୍ୱ ଏକତ୍ର କରିବାର ଅଧିକାର

୪. ତାଲୁକଦାର - ବ୍ରିଟିଶ ଶାସନ ପୂର୍ବରୁ ଗ୍ରାମୀଣ କ୍ଷେତ୍ରରେ ରାଜସ୍ୱ ଅଧିକାର

୫. ଏକାଧିକାର - ବ୍ୟାପାର ବିଷୟରେ ବିଶେଷ ଅଧିକାର



ନୋଟସ୍

୬. ସୀମା ଶୁଳ୍କ - ରପ୍ତାନି ନିମିତ୍ତ ଲଗା ଯାଇଥିବା ଶୁଳ୍କ

୭. ବ୍ୟବସାୟୀକରଣ- ବ୍ୟାପାରିକ ଉଦ୍ଦେଶ୍ୟରେ କୌଣସି ନିୟମକୁ ବଦଳାଇବା

୮. ମୁକ୍ତ ବ୍ୟାପାର - ଅନ୍ତରାଷ୍ଟ୍ରୀୟ ବ୍ୟାପାର ଯାହା ସରକାରର କୌଣସି ପ୍ରତିବନ୍ଧରୁ ମୁକ୍ତ ହେବ।

୯. ଶ୍ରମିକ ବନ୍ଧନ - ନା କେବଳ ଅର୍ଥ ମଜୁରୀ ଭାବରେ ବା

ଯୁକ୍ତ ପ୍ରକାର - ଅନ୍ୟାନ୍ୟ ଶକ୍ତି ପ୍ରଭାବ ପରିଣାମ ସ୍ୱରୂପ ବାଧକାରୀ ଶ୍ରମ ଯଥା- ମାନସିକ, ଶାରୀରିକ, ପରମ୍ପରା ଗତ, ରାଜନୈତିକ ଇତ୍ୟାଦି।

୧୦. ବିବିଧ ପ୍ରଭାବ - ଅର୍ଥ ଶାସ୍ତ୍ରରେ ଏକ ସିଦ୍ଧାନ୍ତ ଯେଉଁଥିରେ ଅନ୍ୟାନ୍ୟ ଆର୍ଥିକ ଗତିବିଧିଗୁଡିକୁ ପ୍ରଭାବିତ କରିବା ପାଇଁ ଅତିରିକ୍ତ ଚର୍ଚ୍ଚା ହେବା। ଯେମିତିକି ରେଲୱେର ନିର୍ମାଣରେ ଡବ୍ବା ତଥା ଟ୍ରକ୍‌ରେ ନିର୍ମାଣ ହେବା ସ୍ଥିତିରେ ଲୁହା, ଇସ୍ପାତ ତଥା କୋଇଲାର ମୂଲ୍ୟ ବୃଦ୍ଧି ହେବା। ଏହି କାରଣରୁ ବଡ ସଂଖ୍ୟାରେ ଲୋକମାନଙ୍କ ରୋଜଗାର ମଧ୍ୟ ପ୍ରାପ୍ତ ହେଲା।

୧୧. ନିଅଣ୍ଟ - ଯେତେବେଳେ ବ୍ୟାପାରରେ ଆୟଠାରୁ ଅଧିକ ଖର୍ଚ୍ଚ ହୁଏ।